# 2011-12 ନିମନ୍ତେ ଓଡିଶା ଜଳବିଦ୍ୟୁତ ନିଗମ (OHPC)ର ବାର୍ଷିକ ରାଜସ୍ୱ ଆବଶ୍ୟକତା ସମ୍ପର୍କିତ ମୁଖ୍ୟ ବୈଶିଷ୍ଟ୍ୟ

**(ମାମଲା ସଂ.143/2010 ତା.18.3.2011)**

1. 2011-12 ବର୍ଷ ନିମନ୍ତେ ଷ୍ଟେସନଓ୍ୱାରୀ ଗଣନା କରାଯାଇଥିବା ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ହାରାହାରି ପ୍ରଶୁଳ୍କ (ଟାରିଫ୍) ସମ୍ପର୍କିତ ବିବରଣୀ ନିମ୍ନ ଟେବୁଲରେ ପ୍ରଦାନ କରାଯାଇଛି :-

### 2011-12 ନିମନ୍ତେ ଷ୍ଟେସନଓ୍ୱାରୀ ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ହାରାହାରି ପ୍ରଶୁଳ୍କ (ଟାରିଫ)

(କୋଟି ଟଙ୍କାରେ)

| ବ୍ୟୟର ବିସ୍ତୃତ ବିବରଣୀ | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚଇପି | ସିଏଚଇପି | ଉପମୋଟ୍ | ୟୁଆଇଏଚଇପି | ମୋଟ୍ |
|---|---|---|---|---|---|---|---|---|
| ବିକ୍ରୟଯୋଗ୍ୟ ବିଦ୍ୟୁତ (ଏମ୍‌ୟୁ) | 519.75 | 823.68 | 1171.17 | 677.16 | 485.10 | **3676.86** | 1942.38 | **5619.24** |
| ଋଣ ଉପରେ ସୁଧ | 0.11 | 0.13 | 8.56 | 2.98 | 1.49 | **13.27** | 0.00 | **13.27** |
| ସାଧାରଣ ଅଂଶ ସମ୍ବନ୍ଧୀୟ ରିଟର୍ଣ୍ଣ | 0.21 | 0.22 | 12.17 | 9.28 | 2.07 | **23.96** | 57.82 | **81.78** |
| ଅବମୂଲ୍ୟାୟନ (ଡେପ୍ରିସିଏସନ) | 2.43 | 2.88 | 16.17 | 6.86 | 3.47 | **31.82** | 30.23 | **62.05** |
| ଓ ଆଣ୍ଡ ଏମ୍ ସମ୍ପର୍କିତ ବ୍ୟୟ | 31.60 | 23.00 | 44.14 | 38.82 | 16.28 | **153.84** | 57.13 | **210.97** |
| କାମଚଳା ପୁଞ୍ଜି ଉପରେ ସୁଧ | 1.67 | 1.24 | 3.04 | 2.39 | 0.98 | **9.32** | 4.79 | **14.11** |
| ମୋଟ ବାର୍ଷିକ ରାଜସ୍ୱ ଆବଶ୍ୟକତା | **36.03** | **27.48** | **84.08** | **60.33** | **24.29** | **232.21** | **149.97** | **382.18** |
| ହାରାହାରି ଖର୍ଚ୍ଚ (ୟୁନିଟ ପିଛା) 2011-12 | **69.31** | **33.36** | **71.79** | **89.10** | **50.07** | **63.15** | **77.21** | **68.01** |
| ହାରାହାରି ଖର୍ଚ୍ଚ (ୟୁନିଟ ପିଛା) 2010-11 | **69.09** | **33.17** | **58.41** | **89.54** | **46.98** | **58.49** | **75.59** | **64.40** |

2. ଉପରେ ସ୍ଥିରୀକୃତ ବାର୍ଷିକ ରାଜସ୍ୱ ଆବଶ୍ୟକତାକୁ ଭିତ୍ତିକରି ନିମ୍ନରେ ଦିଆଯାଇଥିବା ଟେବୁଲ ଅନୁସାରେ ଆୟୋଗ, 2011-12 ନିମନ୍ତେ ଷ୍ଟେସନଓ୍ୱାରୀ ବିଦ୍ୟୁତ ଧାରଣ ଶକ୍ତି ବାବଦ ଦେୟ ଓ ବିଦ୍ୟୁତ ଦେୟକୁ ଅନୁମୋଦନ କରିଛନ୍ତି :-

### 2010-11 ଓ 2011-12 ଆର୍ଥିକ ବର୍ଷ ନିମନ୍ତେ ଷ୍ଟେସନଓ୍ୱାରୀ ବିଦ୍ୟୁତ ଧାରଣ ଶକ୍ତି ବାବଦ ଦେୟ ଓ ବିଦ୍ୟୁତ ଦେୟ

| ବିଦ୍ୟୁତ କେନ୍ଦ୍ରର ନାମ | ବିଦ୍ୟୁତ ଧାରଣ ଶକ୍ତି ବାବଦ ଦେୟ (କୋଟି ଟଙ୍କାରେ) | | ବିଦ୍ୟୁତ ଦେୟର ହାର (ପ/ୟୁ) | |
|---|---|---|---|---|
| | **2010-11** | **2011-12** | **2010-11** | **2011-12** |
| ରେଙ୍ଗାଲି ଏଚ୍ଇପି | 17.955 | 18.015 | 34.545 | 34.661 |
| ଅପର କୋଲାବ ଏଚ୍ଇପି | 13.660 | 13.74 | 16.584 | 16.681 |
| ବାଲିମେଳା ଏଚ୍ଇପି | 34.20 | 42.04 | 29.201 | 35.896 |
| ଏଚ୍ଏଚ୍ଇପି | 30.32 | 30.165 | 44.775 | 44.546 |
| ସିଏଚ୍ଇପି | 11.395 | 12.145 | 23.490 | 25.036 |
| ଅପର ଇନ୍ଦ୍ରାବତୀ ଏଚ୍ଇପି | 73.410 | 74.985 | 37.793 | 38.605 |
| ମାଛକୁଣ୍ଡ ଏଚ୍ଇପି | - | - | 21.95 | 22.054 |

3. 2011-12 ଆର୍ଥିକ ବର୍ଷ ନିମନ୍ତେ 5.79 କୋଟି ଟଙ୍କା ବ୍ୟୟରେ ତଥା 22.054 ପ/କେଡବ୍ଲ୍ୟୁଏଚ ହାରାହାରି ଦରରେ 262.50 ଏମ୍‌ୟୁର ଅଟକଳିତ ବିଦ୍ୟୁତ ମାଛକୁଣ୍ଡରୁ ଆଣିବା ଲାଗି ଅନୁମୋଦନ କରାଯାଇଥିବା ବେଳେ 2010-11 ଆର୍ଥିକ ବର୍ଷ ନିମନ୍ତେ ସେହି ଏକା ପରିମାଣର ବିଦ୍ୟୁତ ଆଣିବା ସକାଶେ 5.764 କୋଟି ଟଙ୍କା ବ୍ୟୟରେ ତଥା 21.95 ପ/କେଡବ୍ଲ୍ୟୁଏଚ ହାରାହାରି ଦରରେ ବିଦ୍ୟୁତ ଆଣିବା ସକାଶେ ଅନୁମୋଦନ କରାଯାଇଥିଲା ।

4. 2011-12 ଆର୍ଥିକ ବର୍ଷ ନିମନ୍ତେ 65.96 ପ/କେଡବ୍ଲ୍ୟୁଏଚ ହାରାହାରି ଦରରେ ମୋଟ 387.97 କୋଟି ଟଙ୍କା ବ୍ୟୟରେ ମାଛକୁଣ୍ଡ ସମେତ ଓଏଚ୍‌ପିସି ଷ୍ଟେସନରୁ ଅଣାଯାଇଥିବା ଅଟକଳିତ ବିଦ୍ୟୁତର ପରିମାଣ 5881.74 ଏମ୍‌ୟୁ (5619.24 ଏମ୍‌ୟୁ + ମାଛକୁଣ୍ଡରୁ 262.50 ଏମ୍‌ୟୁ) ସେହି ତୁଳନାରେ 2010-11 ଆର୍ଥିକ ବର୍ଷ ନିମନ୍ତେ 62.51 ପ/କେଡବ୍ଲ୍ୟୁଏଚ ହାରାହାରି ଦରରେ ମୋଟ 367.64 କୋଟି ଟଙ୍କା ବ୍ୟୟରେ ଅଣାଯାଇଥିବା ଅଟକଳିତ ବିଦ୍ୟୁତର ପରିମାଣ 5881.74 ଏମ୍‌ୟୁ (5619.24 ଏମ୍‌ୟୁ + ମାଛକୁଣ୍ଡରୁ 262.50 ଏମ୍‌ୟୁ) ହୋଇଥିଲା ।

### ଟେବୁଲ - **1**
### ଓଏଚ୍‌ପିସି ପ୍ରଶୁଳ୍କ (ଟାରିଫ)ର ସଂକ୍ଷିପ୍ତସାର

| | | **2007-08** | **2008-09** | **2009-10** | **2010-11** | **2011-12** |
|---|---|---|---|---|---|---|
| **1** | ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟିରେ) | | | | | |
| | ପୁରୁଣା ଷ୍ଟେସନ | 162.14 | 169.12 | 192.87 | 215.06 | 232.20 |
| | ୟୁଆଇଏଚ୍‌ଇପି | 130.46 | 130.68 | 142.47 | 146.82 | 149.97 |
| | ଉପ-ମୋଟ | 292.60 | 299.80 | 335.34 | 361.88 | 382.18 |
| | ମାଛକୁଣ୍ଡ | 4.78 | 6.64 | 3.65 | 5.76 | 5.79 |
| | ମୋଟ | 297.38 | 306.44 | 338.99 | 367.64 | 387.96 |
| **2** | ଡିଜାଇନ୍ ବିଦ୍ୟୁତ (ଚଳିତ) ଏମ୍‌ୟୁ | | | | | |
| | ପୁରୁଣା ଷ୍ଟେସନ | 3676.86 | 3676.86 | 3676.86 | 3676.86 | 3676.86 |
| | ୟୁଆଇଏଚ୍‌ଇପି | 1942.38 | 1942.38 | 1942.38 | 1942.38 | 1942.38 |
| | ଉପ-ମୋଟ | 5619.24 | 5619.24 | 5619.24 | 5619.24 | 5619.24 |
| | ମାଛକୁଣ୍ଡ | 262.50 | 262.50 | 262.50 | 262.50 | 262.50 |
| | ମୋଟ | 5881.74 | 5881.74 | 5881.74 | 5881.74 | 5881.74 |

| | | 2007-08 | 2008-09 | 2009-10 | 2010-11 | 2011-12 |
|---|---|---|---|---|---|---|
| **3** | ହାରାହାରି ପ୍ରଶୁଳ୍କ (ପ/ୟୁ) | | | | | |
| | ପୁରୁଣା ଷ୍ଟେସନ | 44.10 | 46.00 | 52.46 | 58.49 | 63.15 |
| | ୟୁଆଇଏଚ୍ଇପି | 67.16 | 67.28 | 73.35 | 75.59 | 77.21 |
| | ଉପ-ମୋଟ | 52.07 | 53.35 | 59.68 | 64.40 | 68.01 |
| | ମାଛକୁଣ୍ଡ | 18.21 | 25.30 | 13.90 | 21.95 | 22.05 |
| | ମୋଟ | 50.56 | 52.10 | 57.63 | 62.51 | 65.96 |
| **4** | ଡିଜାଇନ୍ ବିଦ୍ୟୁତ (ସଂଶୋଧିତ) ଏମ୍ୟୁ (ଅଣ-ଅନୁମୋଦିତ) | | | | | |
| | ପୁରୁଣା ଷ୍ଟେସନ | 3167.81 | 3167.81 | 3167.81 | 3167.81 | 3167.81 |
| | ୟୁଆଇଏଚ୍ଇପି | 1686.78 | 1686.78 | 1686.78 | 1686.78 | 1686.78 |
| | ଉପ-ମୋଟ | 4854.59 | 4854.59 | 4854.59 | 4854.59 | 4854.59 |
| | ମାଛକୁଣ୍ଡ | 262.5 | 262.5 | 262.5 | 262.5 | 262.5 |
| | ମୋଟ | 5117.09 | 5117.09 | 5117.09 | 5117.09 | 5117.09 |
| **5** | ହାରାହାରି ପ୍ରଶୁଳ୍କ (ପ/ୟୁ) | | | | | |
| | ପୁରୁଣା ଷ୍ଟେସନ | 51.18 | 53.39 | 60.88 | 67.89 | 73.30 |
| | ୟୁଆଇଏଚ୍ଇପି | 77.34 | 77.47 | 84.46 | 87.04 | 88.91 |
| | ଉପ-ମୋଟ | 60.27 | 61.76 | 69.08 | 74.54 | 78.72 |
| | ମାଛକୁଣ୍ଡ | 18.21 | 25.30 | 13.90 | 21.95 | 22.05 |
| | ମୋଟ | 58.12 | 59.89 | 66.25 | 71.85 | 75.82 |
| **6** | ପାର୍ଥକ୍ୟ (**5-3**) ପ/ୟୁ | 7.56 | 7.79 | 8.61 | 9.34 | 9.86 |

ଟେବୁଲ - **2**

**ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ଓଏଚ୍‌ପିସି ବିଦ୍ୟୁତ କେନ୍ଦ୍ରମାନଙ୍କ ପାଇଁ ଅନୁମୋଦିତ ପ୍ରଶୁଳ୍କ (ଟାରିଫ)**

| ଆର୍ଥିକ ବର୍ଷ | ପୁରୁଣା ଡିଜାଇନ ଶକ୍ତି ଆଧାରରେ (ପ/ୟୁ) | ବାର୍ଷିକ ରାଜସ୍ୱ ଆବଶ୍ୟକତା (କୋଟିରେ) | ପୁନଃ ନିର୍ଦ୍ଧାରିତ ଡିଜାଇନ ଶକ୍ତି (ପ/ୟୁ) | ଅନୁମୋଦିତ ଉତ୍ପାଦନ (ଏମ୍ୟୁ) | ପ୍ରକୃତ ଉତ୍ପାଦନ (ଏମ୍ୟୁ) | ଗ୍ରୀଡ୍‌କୋକୁ ବିକ୍ରିତ ଶକ୍ତି (ଏମ୍ୟୁ) | ଉଠାଯାଇଥିବା (ତ୍ରୁୟାଲ) ରାଜସ୍ୱ (କୋଟିରେ) | ରାଜସ୍ୱର ଲାଭ(+)/ କ୍ଷତି(-) |
|---|---|---|---|---|---|---|---|---|
| 2007-08 | 52.07 | 292.60 | 60.27 | 5619.24 | 7885.1626 | 7717.148 | 387.556 | + 94.956 |
| 2008-09 | 53.35 | 299.80 | 61.75 | 5619.24 | 5660.6018 | 5479.9088 | 327.9841 | + 28.18 |
| 2009-10 | 59.68 | 335.35 | 69.07 | 5619.24 | 3721.1268 | 3785.405 | 294.320 | – 41.03 |
| 2010-11 | 64.40 | 361.88 | 74.54 | 5619.24 | 4755.5428 | 4707.98 | 333.000 | – 28.88 |
| 2011-12 | 68.01 | 382.18 | 78.72 | 5619.24 | – | – | – | – |

## ଟିପ୍ପଣୀ

1. ହାଇଡ୍ରୋ ମେଟ୍ରୋଲୋଜିକାଲ ପାରାମିଟରସ୍‌ର ମୋଟ 4903.63 ଏମ୍‌ୟୁ ତଥା ଅନ୍ୟାନ୍ୟ ସର୍ତ୍ତାବଳୀକୁ ଭିତ୍ତିକରି ଓଏଚ୍‌ପିସି ଦାଖଲ କରିଥିବା ପୁନଃ ନିର୍ଦ୍ଧାରିତ ଡିଜାଇନ ବିଦ୍ୟୁତ ଶକ୍ତି ତୁଳନାରେ ପ୍ରତ୍ୟେକ ବିଦ୍ୟୁତ କେନ୍ଦ୍ରର ମୂଳ ଡିଜାଇନ ବିଦ୍ୟୁତ ଶକ୍ତି ବର୍ଷ ପିଛା ମୋଟ 5676 ଏମ୍‌ୟୁକୁ ଆଧାରକରି ଆୟୋଗ, ଓଏଚ୍‌ପିସି ବିଦ୍ୟୁତ କେନ୍ଦ୍ରର ପ୍ରଶୁଳ୍କ (ଟାରିଫ) ସ୍ଥିର କରିଛନ୍ତି । ପ୍ରୋଜେକ୍ଟର ଡିପିଆର ଅନୁସାରେ ମୂଳ ଡିଜାଇନ ବିଦ୍ୟୁତଶକ୍ତିର ପରିମାଣକୁ ବିଚାରକୁ ନିଆଯାଇ ସଂପ୍ରତି ହାରାହାରି ଟାରିଫକୁ ୟୁନିଟ ପିଛା 10 ପଇସା କମାଇ ଦିଆଯାଇଛି ।

2. କେନ୍ଦ୍ର ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି) (ଟାରିଫ ବିନିୟମାବଳୀର ନିବନ୍ଧନ ଓ ସର୍ତ୍ତାବଳୀ, 2009) ଅନୁଯାୟୀ ପ୍ରୋଜେକ୍ଟର ପୁଞ୍ଜି ବ୍ୟୟର ଶତକଡା 90 ଭାଗ ଉପରେ ଶତକଡା 5.28% ହାରରେ ଅବମୂଲ୍ୟାୟନ ହିସାବ କରାଯିବ । ମାତ୍ର ଆୟୋଗଙ୍କ ଦ୍ୱାରା ଓଏଚ୍‌ପିସିର ଟାରିଫ ସ୍ଥିରକଲାବେଳେ ମୂଳ ପ୍ରୋଜେକ୍ଟର ପୁଞ୍ଜି ବ୍ୟୟର ଶତକଡା 90 ଭାଗ ଉପରେ 2.57% ହାରରେ ଅବମୂଲ୍ୟାୟନ ହିସାବ କରିବାକୁ ଅନୁମତି ଦିଆଯାଇଛି ।

3. ଶୋଭନ କାନୁନ୍‌ଗୋ କମିଟି ରିପୋର୍ଟର ସୁପାରିସ କ୍ରମେ ଆସ୍ତି ମୂଲ୍ୟକୁ କରାଯାଇଥିବା ଅଧିକ ମୂଲ୍ୟାୟନକୁ ଓଡିଶା ସରକାରଙ୍କ ଅଧିସୂଚନା ଅନୁସାରେ ସ୍ଥଗିତ ରଖାଯାଇଥିବା ମୂଳ ଆସ୍ତି ମୂଲ୍ୟ ପରିବର୍ତ୍ତେ ତା01.4.96 ପରେ ଓଏଚ୍‌ପିସି ଦ୍ୱାରା ନୂତନ ଭାବେ ଯୋଗ କରାଯାଇଥିବା ଆସ୍ତି ଉପରେ ଓଏଚ୍‌ପିସି ଆରଓଇ ପାଉଛନ୍ତି ।

   ସିଇଆରସି ଟାରିଫ ବିନିୟମ ଅନୁସାରେ ପ୍ରୋଜେକ୍ଟର ମୋଟ ମୂଲ୍ୟ ଉପରେ ଆରଓଇ ପାଇବା କଥା; ମାତ୍ର ଟାରିଫକୁ ସର୍ବନିମ୍ନ ମୂଲ୍ୟରେ ସ୍ଥିର ରଖିବା ସକାଶେ ଓଡିଶା ସରକାରଙ୍କ ଅଧିସୂଚନା ତଥା ଶୋଭନ କାନୁନ୍‌ଗୋଙ୍କ ସୁପାରିସ ଅନୁସାରେ ଆୟୋଗ, ପ୍ରୋଜେକ୍ଟର ମୋଟ ମୂଲ୍ୟ ଉପରେ ଆରଓଇ ଦେବାକୁ ଅନୁମତି ଦେଉନାହାନ୍ତି ।

4. ଓଡିଶା ସରକାରଙ୍କ ଅଧିସୂଚନା ଅନୁସାରେ ଓଏଚ୍‌ପିସି ଉପରେ ଅପର ଇନ୍ଦ୍ରାବତୀ ପ୍ରୋଜେକ୍ଟ ବାବଦ ଯାହା ଅପରିଶୋଧିତ ହୋଇ ରହିଛି ତା'ଉପରେ ଓଡିଶା ସରକାରଙ୍କୁ ଶତକଡା 7 ଭାଗ ହାରରେ ସୁଧ ଓଏଚ୍‌ପିସିକୁ ଦେବାକୁ ପଡିବ । ଟ38.21 କୋଟି ଟଙ୍କାର ଋଣ ଉପରେ ଉକ୍ତ ସୁଧ ପରିମାଣକୁ ଟାରିଫ ଆକାରରେ ମଞ୍ଜୁରୀ କରିବାକୁ ଆୟୋଗ ଅନୁମତି ଦେଉନାହାନ୍ତି ।

5. କେନ୍ଦ୍ର ବିଦ୍ୟୁତ ନିୟାମକ ଆୟୋଗ (ଟାରିଫ ବିନିୟମାବଳୀର ନିବନ୍ଧନ ଓ ସର୍ତ୍ତାବଳୀ, 2009)ର ମାର୍ଗ ଦର୍ଶନ ଅନୁସାରେ ଓଏଚ୍‌ପିସିକୁ ଓ ଆଣ୍ଡ ଏମ୍ ବାବଦ ବ୍ୟୟ କରିବାକୁ ଅନୁମତି ଦିଆଯାଇଛି ।

i. ଆୟୋଗଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କଲାପରେ ଅସ୍ୱାଭାବିକ କାର୍ଯ୍ୟକ୍ଷମ ବା ରକ୍ଷଣାବେକ୍ଷଣ ବାବଦରେ ଯଦି କୌଣସି ବ୍ୟୟ କରାଯାଇଥିବ ତେବେ ତାହାକୁ ବାଦ୍ ଦେଇ ଅଡିଟ୍ ହୋଇଥିବା ସମତୁଳନ ଫର୍ଦ୍ଦକୁ ଭିତ୍ତିକରି 2003-04 ଓ 2007-08 ବର୍ଷ ନିମନ୍ତେ ହୋଇଥିବା ପ୍ରକୃତ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟରୁ 2007-08 ମୂଳ ବର୍ଷଠାରୁ ପାଞ୍ଚ ବର୍ଷ ବା ତା'ଠାରୁ ଅଧିକ ଅବଧି ପାଇଁ ଚାଲୁଥିବା ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସକାଶେ  କାର୍ଯ୍ୟକ୍ଷମ ଓ  ରକ୍ଷଣାବେକ୍ଷଣ ବାବଦ ବ୍ୟୟ ଭରଣା କରାଯିବ ।

ii. 2003-04 ବର୍ଷଠାରୁ 2007-08 ବର୍ଷ ପର୍ଯ୍ୟନ୍ତ ପୁଙ୍ଖାନୁପୁଙ୍ଖ ଯାଞ୍ଚ କଲାପରେ ସାଧାରଣଭାବେ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟ ଶତକଡା 5.17 ହାରରେ ବୃଦ୍ଧି ପାଇଁ 2007-08ରେ ସାଧାରଣ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବ୍ୟୟ ସ୍ତରରେ ପହଞ୍ଚିଥିଲା ଓ ତାହାପରେ 2003-04 ଠାରୁ 2007-08ବର୍ଷ ନିମନ୍ତେ ସାଧାରଣ ହାରାହାରି କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବ୍ୟୟ ସ୍ତର ସ୍ଥିର ହୋଇ ରହିଥିଲା । 2007-08 ମୂଲ୍ୟ ସ୍ତରରେ ହାରାହାରି ସାଧାରଣ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବ୍ୟୟ ଶତକଡା 5.72 ହାରରେ ବୃଦ୍ଧି ପାଇ 2009-10 ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବ୍ୟୟ ସ୍ତରରେ ପହଞ୍ଚିଥିଲା ।

ପରନ୍ତୁ 2009-10 ବର୍ଷ ନିମନ୍ତେ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବ୍ୟୟକୁ ପ୍ରଦତ୍ତ ହେବା ଭଳି ବ୍ୟୟ ସ୍ତରରେ ପହଞ୍ଚାଇବା ପାଇଁ ସରକାରୀ, ଶିଳ୍ପ ଉଦ୍ୟୋଗର କର୍ମଚାରୀମାନଙ୍କର ବେତନ ସଂଶୋଧନ ହେବା ଯୋଗୁଁ ତାହାକୁ ଦୃଷ୍ଟିରେ ରଖି କର୍ମଚାରୀ ବାବଦ ବ୍ୟୟକୁ ଶତକଡା 50 ଭାଗ ବୃଦ୍ଧି କରାଯାଇ ଉକ୍ତ ବର୍ଷର କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟକୁ ଅଧିକ ସଙ୍ଗତୀକରଣ କରାଯାଇଥିଲା ।

iii. ଟାରିଫ୍ ଅବଧିର ପରବର୍ତ୍ତୀ ବର୍ଷମାନଙ୍କରେ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟ ପରିମାଣକୁ ପ୍ରଦାନ କରାଯାଇ ପାରିବା ଭଳି ସ୍ତରରେ ପହଞ୍ଚାଇବା ପାଇଁ 2009-10 ବର୍ଷ ନିମନ୍ତେ କାର୍ଯ୍ୟକ୍ଷମ ଓ ରକ୍ଷଣାବେକ୍ଷଣ ବାବଦ ବ୍ୟୟକୁ ବର୍ଷ ପିଛା ଶତକଡା 5.72 ହାରରେ ବୃଦ୍ଧି କରାଯାଇଥିଲା ।

2003-04 ଠାରୁ 2007-08 ନିମନ୍ତେ ଓଏଚ୍‌ପିସିର ଅଡିଟ୍ ହୋଇଥିବା ସମତୁଳନ ଫର୍ଦ୍ଦ ଅନୁସାରେ ଉକ୍ତ ମାର୍ଗଦର୍ଶନକୁ ଆଧାର କରି ତଥା ଓଏଚ୍‌ପିସି ନିମନ୍ତେ ଓ ଆଣ୍ଡ ଏମ୍ ବ୍ୟୟ ସ୍ଥିର କରାଯାଇଛି ।

ପୁନଶ୍ଚ କର୍ମଚାରୀମାନଙ୍କର ଦରମା ସଂଶୋଧନ ଯୋଗୁଁ ପ୍ରକୃତରେ ଯେଉଁ ପରିମାଣର ଅଧିକ ବ୍ୟୟ ଭାର ପଡୁଛି ତାହା ଓ ଆଣ୍ଡ ଏମ୍ ବ୍ୟୟ ସହିତ ଯୋଗ କରାଯାଇଛି ।

ବକେୟା ଦରମା ବାବଦକୁ ପଡୁଥିବା ଅଧିକ ବ୍ୟୟ ଭାରକୁ ରୋକିବା ସକାଶେ ଆୟୋଗ ଉକ୍ତ ବକେୟା ଦରମାକୁ ତିନି ବର୍ଷ ମଧ୍ୟରେ ଭାଗଭାଗ କରି ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି । ସେହିଭଳି ଟାରିଫକୁ ସର୍ବନିମ୍ନ ହାରରେ ରଖିବା ସକାଶେ ବକେୟା ଅର୍ଥ ବାବଦ ବ୍ୟୟଭାରକୁ ସାତଗୋଟି କ୍ରମାଗତ ବର୍ଷ ମଧ୍ୟରେ ଓ ଆଣ୍ଡ ଏମ୍ ବ୍ୟୟ ମାଧ୍ୟମରେ ଦେବାକୁ ମଧ୍ୟ ଅନୁମତି ଦିଆଯାଇଛି ।

ପେନ୍ସନ୍ର ପ୍ରଭେଦାତ୍ମକ ପରିମାଣ ବାବଦ ବ୍ୟୟ ଭାରକୁ ଟାରିଫ୍ ମାଧ୍ୟମରେ ଭରଣା ନ କରିବା ସକାଶେ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

6. **ପରବର୍ତ୍ତୀ ବର୍ଷମାନଙ୍କର ପ୍ରଶୁଳ୍କ (ଟାରିଫ)ରେ ଭରଣା ସ୍ୱରୂପ ଓଏଚପିସିର ସମୀକ୍ଷିତ ସନ୍ତୁଳନ ଫର୍ଦ୍ଦକୁ ଭିତ୍ତିକରି ଆୟୋଗ (କମିଶନ) ଓ ଆଣ୍ଡ ଏମ୍ ବ୍ୟୟ ମଞ୍ଜୁର କରିଆସୁଛନ୍ତି । ପରବର୍ତ୍ତୀ ବର୍ଷମାନଙ୍କର ପ୍ରଶୁଳ୍କ (ଟାରିଫ)ରେ କର୍ମଚାରୀମାନଙ୍କୁ ପ୍ରଦତ୍ତ ବାସ୍ତବ ବକେୟା ବେତନ ପାରିତ ହୋଇଅଛି ।**